# NATIONAL NEWS BULLETIN (ODIA)

## 25th March - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଆଞ୍ଚଳିକ ସଂଯୋଗୀକରଣ ଯୋଜନା - ପରିବର୍ତ୍ତିତ ଉଡ଼ାଣର ଶୁଭାରମ୍ଭ ଓ କାର୍ଯ୍ୟାନ୍ୱୟନ ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦିତ ।
- ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ।
- ସରକାରଙ୍କ ଆର୍ଥିକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଲୋକସଭାରେ ଆଜି ଅର୍ଥ ବିଲ୍‌-୨୦୨୬ ଗୃହୀତ ।
- କୋଭିଡ୍‌ ପରବର୍ତ୍ତୀ ଅବଧି ମଧ୍ୟରେ ଦେଶରେ ୧ ହଜାର ୨୪ଟି ନୂତନ ଟ୍ରେନ୍‌ର ହୋଇଛି ଶୁଭାରମ୍ଭ; ସୂଚନା ଦେଲେ ରେଳମନ୍ତ୍ରୀ ।

ଏବଂ

- ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ବିଶ୍ୱବିଦିତ ପାଇଁ ସଂସ୍କୃତି ମନ୍ତ୍ରଣାଳୟ ଓ ୟୁଟ୍ୟୁବ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।

## କ୍ୟାବିନେଟ୍ - ଇୟର୍ଲି

କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ୨୦୨୬-୨୭ରୁ ୨୦୩୫-୩୬ ପର୍ଯ୍ୟନ୍ତ ୧୦ ବର୍ଷ ଅବଧି ପାଇଁ ଆଞ୍ଚଳିକ ସଂଯୋଗୀକରଣ ଯୋଜନା - ପରିବର୍ତ୍ତିତ ଉଡ଼ାଣର ଶୁଭାରମ୍ଭ ଏବଂ କାର୍ଯ୍ୟାନ୍ୱୟନ ଅନୁମୋଦିତ ହୋଇଛି । ଏହି ଯୋଜନାପାଇଁ ୨୮ ହଜାର ୮୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନୂଆଦିଲ୍ଲୀରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ଲକ୍ଷ୍ୟରେ ୧୦୦ଟି ବିମାନ ବନ୍ଦରର ବିକାଶ କରାଯିବ । ଏହା ଅର୍ଥନୈତିକ ଅଭିବୃଦ୍ଧି, ବାଣିଜ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ର ତ୍ୱରାନ୍ୱିତ କରିବାରେ ସହାୟକ ହେବ ଏବଂ ସାଧାରଣ ନାଗରିକଙ୍କପାଇଁ ବିମାନ ଯାତ୍ରା ସହଜରେ ଉପଲବ୍ଧ ହେବ ।

***Voice (Baishnav)*** :.......

ସାଧାରଣ ନାଗରିକଙ୍କ ପାଇଁ ବିମାନଯାତ୍ରାକୁକ ସୁଲଭ ଓ ସହଜ କରିବା ଉଦ୍ଦେଶ୍ୟରେ ଉଡ଼ାଣ ଯୋଜନା ୨୦୧୬ ମସିହା ଅକ୍ଟୋବର ମାସରେ ଆରମ୍ଭ

ହୋଇଥିଲା । ଏହା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରଗୁଡ଼ିକ ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ଥିଲା । ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହା କାର୍ଯ୍ୟକାରୀ ହେବା ଫଳରେ ୯୫ଟି ବିମାନ ବନ୍ଦର ମଧ୍ୟରେ ୬୬୩ଟି ଆକାଶମାର୍ଗ ଦେଇ ବିମାନ ଚଳାଚଳ ହୋଇପାରିଛି । କେନ୍ଦ୍ର କ୍ୟାବିନେଟ୍‌ରେ ଦେଶାନ୍ତର, ଭିସା, ବିଦେଶୀ ନାଗରିକଙ୍କ ପଞ୍ଜୀକରଣ ଏବଂ ଚିହ୍ନଟ ଯୋଜନା ୨୦୩୧ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବା ପ୍ରକ୍ରିୟା ଅନୁମୋଦିତ ହୋଇଛି । ଏଥିପାଇଁ ୧୮ ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅଲ୍ ପାର୍ଟି ମିଟିଂ

ସଂସଦ ଭବନ ପରିସରରେ ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଆଜି ସରକାରଙ୍କ ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ ଆଲୋଚନା ଜାରି ରହିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରି, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ଜେ.ଡି.ୟୁ. କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଏବଂ ରାଜୀବ ରଞ୍ଜନ (ଲଲନ) ସିଂହ ପ୍ରମୁଖ ଉପସ୍ଥିତ ଅଛନ୍ତି । କଂଗ୍ରେସ

ନେତା ମୁକୁଲ ଓ୍ୱାସନିକ ଏବଂ ତାରିକ୍ ଅନଓ୍ୱାର୍, ସି.ପି.ଆଇ.(ଏମ୍.) ସାଂସଦ ଜନ୍ ବ୍ରିଟାସ୍ ଓ ସମାଜବାଦୀ ସାଂସଦ ଧର୍ମେନ୍ଦ୍ର ଯାଦବ ଏବଂ ବିରୋଧୀ ଦଳର ଅନ୍ୟାନ୍ୟ ନେତାମାନେ ମଧ୍ୟ ବୈଠକରେ ଯୋଗ ଦେଇଛନ୍ତି । ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବୈଠକ ଆହ୍ୱାନ କରାଯାଇଛି । ଉତ୍ତେଜନାଯୋଗୁଁ ସାମୁଦ୍ରିକ କରିଡର୍‌ରେ ଚଳାଚଳ ବାଧାପ୍ରାପ୍ତ ହେବା ସହ ଉପସାଗରୀୟ ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ପରିସ୍ଥିତି ନେଇ ସଂସଦରେ ଉଦ୍‌ବୋଧନ ଦେବା ପରେ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଛି । ସଂସଦରେ ବିବୃତ୍ତି ଦେଇ ଇନ୍ଧନ ଏବଂ ସାର ଯୋଗାଣ ଶୃଙ୍ଖଳକୁ ବ୍ୟବସ୍ଥିତ କରିବା ଲାଗି ସରକାରଙ୍କ ପକ୍ଷରୁ ୭ଟି ସଶକ୍ତ ଗୋଷ୍ଠୀ ଗଠନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ।

## ଏଲ୍.ଏସ୍. - ଏ.ଆଇ. ମିଶନ୍

'ଭାରତ କୃତ୍ରିମ ବୁଦ୍ଧିମତ୍ତା ମିଶନ୍' ଅଧୀନରେ ସମୁଦାୟ ୧୯୦ଟି ପ୍ରକଳ୍ପ ଅନୁମୋଦିତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ସେଥିମଧ୍ୟରୁ ୭୮ଟି ସରକାରୀ ପ୍ରକଳ୍ପ, ୪୬ଟି ଷ୍ଟାର୍ଟଅପ୍ ଏବଂ ଏମ୍.ଏସ୍.ଏମ୍.ଇ. ପ୍ରକଳ୍ପ ଏବଂ ୨୭ଟି ଗବେଷଣା ଓ ଶିକ୍ଷାଭିତ୍ତିକ ପ୍ରକଳ୍ପ

ରହିଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଏହା କହିଛନ୍ତି । ଦେଶରେ ସାମଗ୍ରିକ ଏ.ଆଇ. ଇକୋ ସିଷ୍ଟମ୍ ବ୍ୟବସ୍ଥା ନିମନ୍ତେ ୧୦ ହଜାର ୩୭୨ କୋଟି ଟଙ୍କା ବ୍ୟୟରେ ସରକାର 'ଭାରତ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ' ଆରମ୍ଭ କରିଥିଲେ । ଏହି ମିଶନ୍ ଅଧୀନରେ ୩୮ ହଜାରରୁ ଊର୍ଦ୍ଧ୍ୱ ଗ୍ରାଫିକ୍ସ ପ୍ରୋସେସିଙ୍ଗ୍ ୟୁନିଟ୍ ସ୍ଥାପନ କରାଯାଇଛି । ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଶିକ୍ଷା ପ୍ରକଳ୍ପପାଇଁ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଇଛି ।

## ଜୟଶଙ୍କର - ୟୁ.ଏସ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଆମେରିକାର ଉପମନ୍ତ୍ରୀ ଏଲ୍‌ବ୍ରିଜ୍ କୋଲ୍‌ବୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ସାମ୍ପ୍ରତିକ ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ସେମାନଙ୍କ ମତ ବିନିମୟ କରିଛନ୍ତି ।

# ଏଲ୍.ଏସ୍. - ଫାଇନାନ୍ସ ବିଲ୍

ଲୋକସଭାରେ ଆଜି ବାଚନିକ ଭୋଟ୍‌ରେ ଅର୍ଥ ବିଲ୍-୨୦୨୬ ଗୃହୀତ ହୋଇଛି । ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରସ୍ତାବକୁ ଏହି ବିଲ୍ କାର୍ଯ୍ୟକାରୀ କରିବ । ସରକାରଙ୍କଦ୍ୱାରା ଆଗତ ଏହି ସଂଶୋଧିତ ପ୍ରସ୍ତାବକୁ ଗୃହରେ ସମର୍ଥନ କରାଯାଇଥିଲା । ଅର୍ଥ ବିଲ୍-୨୦୨୬ ସଂକ୍ରାନ୍ତ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାମରଣ କହିଛନ୍ତି, ସରକାର ଏମ୍.ଏସ୍.ଏମ୍.ଇ., କୃଷକ ଏବଂ ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରୁଛନ୍ତି । ଏହି ସଂସ୍ଥାଗୁଡ଼ିକ ନିଯୁକ୍ତି ସୁଯୋଗ ସୃଷ୍ଟି, ଉତ୍ପାଦନ ଏବଂ ଦେଶର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ । ଶ୍ରୀମତୀ ସୀତାରମଣ କହିଛନ୍ତି, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ସରକାର ମଧ୍ୟ ଡିଜିଟାଲ୍ ଭିତ୍ତିଭୂମି, ଇଲେକ୍ଟ୍ରୋନିକ୍ସ ବିନିର୍ମାଣ, ସାମୁଦ୍ରିକ ଉତ୍ପାଦନ, ଚମଡ଼ା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଆଣବିକ ଶକ୍ତି ଆଦି କ୍ଷେତ୍ରକୁ ମଧ୍ୟ ସହାୟତା ପ୍ରଦାନ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଂସ୍କାର ଏକ୍ସପ୍ରେସ୍ ସହିତ ଗତିଶୀଳ ହେଉଛି । ଗୃହରେ ଆଗତ ଅର୍ଥବିଲ୍ ମଧ୍ୟବିତ୍ତବର୍ଗଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି ଏବଂ ସରକାର ୧୭ଟି ଗୁରୁତ୍ୱପୂର୍ଣ୍ଣ ଜୀବନରକ୍ଷାକାରୀ ଔଷଧ ଉପରୁ ମୌଳିକ ସୀମାଶୁଳ୍କ ଛାଡ଼ କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ଗୃହରେ କହିଛନ୍ତି ।

## ଏଲ୍.ଏସ୍. - ରେଲ୍‌ୱେ

କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୋଭିଡ୍ ପରବର୍ତ୍ତୀ ଅବଧି ମଧ୍ୟରେ ଦେଶରେ ପ୍ରାୟ ୧ ହଜାର ୨୪ଟି ନୂତନ ଟ୍ରେନ୍ ଶୁଭାରମ୍ଭ କରାଯାଇଛି । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ନୂତନ ଟ୍ରେନ୍ ସହିତ ୪ ହଜାର ୬୫୧ଟି ନୂଆ କୋଚ୍ ପୁରୁଣା ଟ୍ରେନ୍‌ଗୁଡ଼ିକରେ ସଂଯୋଗ କରାଯାଇପାରିଛି । ରେଳବାଇ ହେଉଛି ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କର ପରିବହନ ବ୍ୟବସ୍ଥା । ସରକାର ସେମାନଙ୍କୁ ସହଜ ଏବଂ ସୁଲଭ ମୂଲ୍ୟରେ ପରିବହନ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଟ୍ରେନ୍‌ର ସମୁଦାୟ ସିଟ୍ ସଂଖ୍ୟା ମଧ୍ୟରୁ ୭୮ ପ୍ରତିଶତ ସାଧାରଣ ଏବଂ ସ୍ଲିପର୍ କାଟାଗୋରୀ ପାଇଁ ରହିଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ରେଳବାଇ ସୁରକ୍ଷା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଟ୍ରେନ୍ ଦୁର୍ଘଟଣା ସଂଖ୍ୟା ୯୦ ପ୍ରତିଶତ ହ୍ରାସ ପାଇଛି । ରେଳ ସୁରକ୍ଷାପାଇଁ ୧ ଲକ୍ଷ ୨୦ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ଶେଖାୱତ୍ - କଲ୍‌ଚର୍ ଏମ୍.ଓ.ୟୁ.

ନୂଆଦିଲ୍ଲୀରେ ଆଜି ସଂସ୍କୃତି ମନ୍ତ୍ରଣାଳୟ ଏବଂ ୟୁଟ୍ୟୁବ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭାରତର ସମୃଦ୍ଧ ଏବଂ ବିବିଧ ସଙ୍ଗୀତ

ପରମ୍ପରାକୁ ଡିଜିଟାଲ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି, ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପାରମ୍ପରିକ ଲୋକ ଓ ଜନଜାତି ସଙ୍ଗୀତକୁ ବିଶ୍ୱମଞ୍ଚରେ ଉପସ୍ଥାପନ କରିବାପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୋକାଲ୍ ଫର୍ ଲୋକାଲ ଏବଂ ଲୋକାଲ୍ ଫର୍ ଗ୍ଲୋବାଲ୍ ଲକ୍ଷ୍ୟ ପୂରଣ ଦିଗରେ ଏହା ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ଶ୍ରୀ ଶେଖାୱତ୍ କହିଛନ୍ତି ।

## ୱେଷ୍ଟ ଏସିଆ - ଡେଲି ବ୍ରିଫ୍

ଦେଶରେ ୨୬ କୋଟି ଟନ୍ ଅଶୋଧିତ ତୈଳକୁ ବିଶୋଧନ କରିବାର କ୍ଷମତା ରହିଛି । ନାଗରିକମାନଙ୍କୁ ଆତଙ୍କିତ ହୋଇ ପେଟ୍ରୋଲିୟମ୍ ସାମଗ୍ରୀ କ୍ରୟରୁ ବିରତ ରହିବା ଏବଂ କୌଣସି ଗୁଜବରେ ବିଶ୍ୱାସ ନ କରିବା ଲାଗି ସରକାର କହିଛନ୍ତି । ନୂଆଦିଲ୍ଲୀରେ ପଶ୍ଚିମ ଏସିଆ ସାମ୍ପ୍ରତିକ ପରିସ୍ଥିତି ନେଇ ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ସ୍ପଷ୍ଟୀକରଣ ଦେଇ କହିଛନ୍ତି, ପେଟ୍ରୋଲ୍, ଡିଜେଲ୍ ଦରରେ କୌଣସି ବୃଦ୍ଧି କରାଯାଇ ନାହିଁ ।

***Voice (Sujata Sharma)*** :.......

ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ବର୍ତ୍ତମାନ ଉପସାଗରୀୟ ଅଞ୍ଚଳରେ ଜାହାଜରେ ଥିବା ୫୪୦ ଜଣ ଭାରତୀୟ ନାବିକ  ସୁରକ୍ଷିତ ଅଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ୫୦ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଅଣାଯାଇପାରିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଶ୍ୱରେ ସ୍ଥିରତା ଏବଂ ଶାନ୍ତି ବଜାୟ ରଖିବା ଲାଗି ପରସ୍ପର ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଏବଂ ହର୍ମୁଜ୍ ପ୍ରଣାଳୀ ମୁକ୍ତ ରଖିବା ଲାଗି ଆହ୍ୱାନ ଦେଇଛନ୍ତି ।

*****